# Akashvani, Sambalpur

## SAMBALPURI NEWS EVENING BULLETIN

## 27 December 2024- 7.02 pm- 7.12 pm.

*******************************************

୧- ଆଘର୍ ପ୍ରଧାନ୍‌ମନ୍ତ୍ରୀ ଡକ୍ଟର୍ ମନ୍‌ମୋହନ୍ ସିଂଙ୍କର୍ ଶେଷ ଦର୍ଶନ୍ କଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ବହୁ ବିଶିଷ୍ଟ ବ୍ୟକ୍ତି ।

୩- ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ କାର୍ଯ୍ୟକାଲ୍ ବର୍ଷେ ବଢ଼ାଲେ ରାଜ୍ୟ ସର୍‌କାର୍ ।

୪- ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ଠାନେ ଆଏବାକାଏଲ୍‌ଠାନୁ ମୁଲ୍ ହେବା ହକି ଇଣ୍ଡିଆ ଲିଗ୍ ।

ଆଉର୍

୫- ପର୍ଶ୍ଚିମ ଆର୍ ଉତର୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏବାକାଏଲ୍‌ଠାନୁ ବର୍ଷାର୍ ସମ୍ଭାବନା ।

ମନମୋହନ୍ ସିଂ ପରଲୋକ୍ ଏନ୍‌ଏସ୍‌ଡି

ଦେଶର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଆର୍ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର୍ ମନ୍‌ମୋହନ୍ ସିଂଙ୍କୁ ନୂଆଦିଲ୍ଲୀ ଠାନେ ଥିବା ତାଙ୍କର୍ ଘରେ

ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆଘର୍ ରାଷ୍ଟ୍ରପତି ରାମ୍‌ନାଥ୍ କୋବିନ୍ଦ୍, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସାଂସଦ୍ ରାହୁଲ୍ ଗାନ୍ଧୀ, ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆର୍ ବହୁତ୍ ସାଂସଦ୍, ରାଜନେତା ଆର୍ ବିଶିଷ୍ଟ ବ୍ୟକ୍ତି ଶେଷ୍ ଦର୍ଶନ୍ କରିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ମନମୋହନ୍ ସିଂଙ୍କର୍ ପରଲୋକ ଦେଶର୍ ଲାଗି ଗୁଟେ ଅପୂରଣୀୟ କ୍ଷତି ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ଶୋକବାର୍ତାଥି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ହିସାବେ ଦେଶର୍ ଗରିବ୍ ଆର୍ ସାଧାରଣ୍ ଲୋକ୍‌ମାନ୍‌କର୍ ଉତ୍‌ଥାନ୍ ଲାଗି ସ୍ୱର୍ଗତ୍ ମନ୍‌ମୋହନ୍ ସିଂ ବହୁତ୍ କାମ୍ କରିଥିଲେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଆଘର୍ ରାଷ୍ଟ୍ରପତି ରାମ୍‌ନାଥ୍ କୋବିନ୍ଦ୍ ମନ୍‌ମୋହନ୍ ସିଂ ଝନେ ଅତି ନମ୍ର ଆର୍ ଭାରତୀୟ ଅର୍ଥନୀତିର୍ ଦିଗ୍‌ଦର୍ଶକ୍ ଥିଲେ ବଲି କହିଛନ୍ ।

(ଭଏସ୍ ଓଭର୍- ରାମ୍‌ନାଥ୍ କୋବିନ୍ଦ)

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକବାର୍ତାଥି କହିଛନ୍ ଅର୍ଥନୀତି ଦିଗେ ଜ୍ଞାନ ଆର୍ ଦକ୍ଷତା ଲାଗି ଡକ୍ଟର୍ ମନ୍‌ମୋହନ୍ ସିଂ ସାରା ପୁର୍‌ଥି ନ ସମ୍ମାନ୍‌ର ଅଧିକାରୀ ହେଇପାରିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ମନ୍‌ମୋହନ୍ ସିଂ ଝନେ ବିରଳ ବ୍ୟକ୍ତିତ୍ୱ ଥିଲେ ଆର୍ ଦକ୍ଷତାର୍ ସହେତେ ଦେଶ୍‌ସେବା କରିଥିଲେ ।

ଦେଶ୍ ଝନେ ସମ୍ମାନ୍‌ସ୍ୱଦ ନେତା, ଝନେ ବଡ଼ ଅର୍ଥଶାସ୍ତ୍ରୀ ଆର୍ ମହାନ୍‌ବ୍ୟକ୍ତିକେ ହରେଇଛେ ବଲି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ଡକ୍ଟର୍ ପ୍ରମୋଦ୍ କୁମାର୍ ମିଶ୍ର ଶୋକବାର୍ତାଥି କହିଛନ୍ ।

୧୯୩୨ ମସିହା ସେପ୍ଟେମ୍ବର୍ ୨୬ ତାରିଖ୍ ଅବିଭକ୍ତ ଭାରତ୍‌ର ପଞ୍ଜାବ୍ ପ୍ରଦେଶ୍‌ର ଗୁଟେ ଗାଁନୁ ମନ୍‌ମୋହନ୍ ସିଂଙ୍କର୍ ଜନ୍ମ ହେଇଥିଲା । ୨୦୦୪ ନୁ ୨୦୧୪ ତକ୍ ସେ ଭାରତ୍‌ର ପ୍ରଧାନ୍‌ମନ୍ତ୍ରୀ ରହିଥିଲେ । ୩୩ ବଛର୍‌ତକ୍ ସେ ରାଜ୍ୟସଭା ସଦସ୍ୟ ଥିଲେ । ଇ ବଛର୍ ଏପ୍ରିଲ୍ ମାସେ ସେ ରାଜ୍ୟସଭା ନୁ ଅବସର ନେଇଥିଲେ । ୧୯୯୧ ଜୁନ୍ ମାସେ ସେ ସେତେବେଲର୍ ପ୍ରଧାନ୍‌ମନ୍ତ୍ରୀ ପି.ଭି. ନରସିହ୍ମା ରାଓ ଙ୍କର୍ ସର୍‌କାର୍‌ଥି ଅର୍ଥମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ଦେଶର୍ ଜଟିଳ ଆର୍ଥିକ୍ ସଙ୍କଟ୍ ବେଲ୍‌କେ ସେ କେତ୍‌ନିକେତେ ଅର୍ଥନୈତିକ୍ ସଂସ୍କାର୍ ଆନିଥିଲେ । ୧୯୮୭ ମସିହା ନ ଡକ୍ଟର୍ ସିଂଙ୍କୁ ଦେଶର୍ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ୍ ପଦ୍ମବିଭୂଷଣ ଦିଆଯାଇଥିଲା ।

ସ୍ୱର୍ଗତ୍ ମନ୍‌ମୋହନ୍ ସିଂଙ୍କୁ ଶ୍ରଦ୍ଧାଞ୍ଜଲି ଜନାବାର୍ ଲାଗି ଆଏଜ୍ ସଖାଲ୍‌ବେଲା କେନ୍ଦ୍ର କେବିନେଟ୍‌ର ଗୁଟେ ବୈଠକ୍ ବସିଥିଲା । ଶ୍ରଦ୍ଧାଞ୍ଜଲି ପ୍ରସ୍ତାବ୍ ପାରିତ୍ କରିକରି ୨ ମିନିଟ୍ ନୀରବ୍

ପ୍ରାର୍ଥନା କରାଯାଇଥିଲା । ଦେଶ୍ ଝନେ ରାଷ୍ଟ୍ରବାଦୀ ନେତା, ଖ୍ୟାତନାମା ଅର୍ଥନୀତିଜ୍ଞ, ଆର୍ ଝନେ ବିଶିଷ୍ଟ ନେତାକେ ହରାଲା ବଲି କେବିନେଟ୍ ନ ଶୋକ ପ୍ରକାଶ୍ ପାଇଥିଲା । ଆଏବା କାଏଲ୍ ସଖାଲେ ତାଙ୍କର୍ ପାର୍ଥିବ୍ ଶରୀର୍ ନୂଆଦିଲ୍ଲୀ ଠାନେ ଥିବା କଂଗ୍ରେସ୍ ଭବନ୍‌କେ ନିଆଯିବା । ଦଲୀୟ ନେତା, କର୍ମୀଙ୍କର୍ ଶେଷ୍ ଦର୍ଶନ୍ ଉତ୍‌ରୁ ସଖାଲର୍ ସାଢ଼େ ୯ ବଜେ କଂଗ୍ରେସ୍ ଭବନ୍‌ନୁ ଅନ୍ତିମ ଶୋଭାଯାତ୍ରାଥି  ଶ୍ମଶାନ୍‌କେ ନିଆଯିବା ଆର୍ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ଅନ୍ତିମ୍ ସହାର୍ କରାଯିବା । ମନ୍‌ମୋହନ୍ ସିଂଙ୍କର୍ ପରଲୋକ୍ ଲାଗି କେନ୍ଦ୍ର ସର୍‌କାର୍ ଆଏଜ୍‌ଠାନୁ ଦେଶେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷ୍‌ନା କରିଛନ୍ । ଆଏବା କାଏଲ୍ ସବୁ କେନ୍ଦ୍ର ସର୍‌କାରୀ କାର୍ଯ୍ୟାଳୟ ଆର୍ ରାଷ୍ଟ୍ରାୟତ ସଂସ୍ଥାମାନ୍‌କେ ଅଧା ଦିନ୍ ଛୁଟି ଘୋଷ୍‌ନା କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାତିର୍ ୯ ବାଜିକରି **୫୧** ମିନିଟ୍‌ଥି ଦିଲ୍ଲୀର ଏମ୍ସ ଠାନେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ମନ୍‌ମୋହନ୍ ସିଂଙ୍କର୍ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ ହେଇଥିଲା ।

ମୁଖ୍ୟମନ୍ତ୍ରୀ- ଶ୍ରଦ୍ଧାଞ୍ଜଳି          I&PR

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ମନ୍‌ମୋହନ୍ ସିଂଙ୍କର୍ ବିୟୋଗଥି ଗୁଟେ ଶ୍ରଦ୍ଧାଞ୍ଜଲି ସଭା ହେଇଯାଇଛେ । ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୟୋଗ୍ ଦେଇକରି ସ୍ୱର୍ଗତ ମନ୍‌ମୋହନ୍ ସିଂଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ୟ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ୟ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ୟ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

## ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର କାର୍ଯ୍ୟକାଳକେ ଆଉ ବର୍ଷେ ବଢ଼େଇଛନ୍ । ଶ୍ରୀ ଆହୁଜା ୨୦୨୫ ଡିସେମ୍ବର ୩୧ ତାରିଖ୍ ତକ୍ ମୁଖ୍ୟ ଶାସନ ସଚିବ ଦାୟିତ୍ୱଥି ରହେବେ । ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଗଲା ଜୁନ୍ ମାସର୍ ୩୦ ତାରିଖ୍ ଦାୟିତ୍ୱ ନେଇଥିଲେ । ଇ ମାସ ୩୧ ତାରିଖ୍ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା ।

## ଜିରୋ ନାଇଟ୍ କଟକଣା ହି.ସ.

ନୂଆ ବଛର୍ ଲାଗି ଜିରୋ ନାଇଟ୍ ପାଲନ୍ ଉପ୍ରେ ଅବକାରୀ ବିଭାଗ କଡ଼ା ନଜର ରଖିଛେ ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ଇଥିର୍ ଲାଗି କେନ୍ସି ରକ୍ମର୍ ଅସ୍ଥାୟୀ ଅବକାରୀ ଲାଇସେନ୍ସ ଦିଆ ନାଇଯାଏ । ଜାନୁୟାରୀ ଶେଷ୍ ତକ୍

ରାଏଜର୍ ସବୁ ଜିଲ୍ଲାଥି କଡ଼ା ଯାଂଚ ଲାଗି ବିଭାଗକେ ନିର୍ଦ୍ଦେଶ ଦିଆଯାଇଛେ ।

ମନ୍ତ୍ରୀଙ୍କ ସମୀକ୍ଷା          ରାୟଗଡ଼ା ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ରାୟଗଡ଼ା ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ଖାସ୍ କରି ଚାଷୀ ସମସ୍ୟା ଉପ୍‌ରେ ଆଲୋଚନା କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ରାୟଗଡ଼ା ପାଖର୍ ଜମାଦେଇ ପେଣୁ ମଣ୍ଡିକେ ଯାଇକରି ସେନର୍ ବ୍ୟବସ୍ଥାର୍ ତଦାରଖ୍ କରିଥିଲେ । ସଞ୍ଜ୍‌ବେଲେ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଥିଲେ । ଇଥି ଜିଲ୍ଲାପାଳ୍ ଏସ୍.ପି.ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଆଉ ରେଲ୍‌ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ହକି ଲିଗ୍       ଆର୍‌ଏନ୍‌ୟୁ/ କଟକ

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାନେ ଆଏବାକାଏଲ୍‌ଠାନୁ ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ମୁଲ୍

ହେବା । ଦୁଇଟା ଖେପେ ଖେଲାଯିବାର୍‌କେ ଥିବା ଇ ଟୁର୍ଣ୍ଣାମେଂଟର ପହେଲା ଖେପ୍ ଆଏବା କାଏଲ୍‌ଠାନୁ ଜାନୁୟାରୀ ୧୮ ତାରିଖ୍ ତକ୍ ଆର୍ ଦୁଇ ନମ୍ବର ଖେପ୍ ଜାନୁୟାରୀ ୧୯ ତାରିକ୍‌ନୁ ହେବା । ସେଆଡ଼େ ଜାନୁୟାରୀ ୩୧ ତାରିଖ ସବୁ ସେମି ଫାଇନାଲ୍ ମ୍ୟାଚ୍ ଖେଲାଯିବା ଆର୍ ଫେବୃୟାରୀ ୧ ତାରିଖ ଫାଇନାଲ୍ ମ୍ୟାଚ୍ ହେବା । ଗଲାକାଏଲ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାନେ ହକି ଇଣ୍ଡିଆ ଲିଗ୍‌ର ଜର୍ସି ଆର୍ ମାସ୍କଟ୍‌କେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉନ୍ମୋଚନ୍ କରିଛନ୍ ।

ସଡ଼କ୍ ସୁରକ୍ଷା ସପ୍ତାହ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ପାଲନ୍ ହେବାର୍‌କେ ଥିବା ସଡ଼କ୍ ସୁରକ୍ଷା ସପ୍ତାହ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଆଏଜ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲା ନ ନିଶାଗ୍ରସ୍ତ ଗାଡ଼ିଚାଲକ୍ ବିନା ହେଲ୍‌ମେଟ୍‌ଥି ଯାତ୍ରା ଆଉ ଟ୍ରାଫିକ୍ ନିୟମ୍ ଭାଙ୍ଗୁଥିବା ଲୋକ୍‌ମାନ୍‌କର୍ ଉପ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ନିର୍ଦ୍ଦେଶ୍ ଦେଇଛନ୍ ।

ଜୈବିକ୍ ଆଉ ପ୍ରାକୃତିକ୍ କୃଷି ତାଲିମ୍ ଶିବିର   ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପାଲ୍‌ଝାର୍‌ଠାନେ ଥିବା କୃଷି ବିଜ୍ଞାନ୍ କେନ୍ଦ୍ର ନ ପାରମ୍ପାରିକ୍ ଚାଷୀମାନ୍‌କର୍ ଲାଗି ସ୍ଥାୟୀ ଚାଷ୍, ଜୈବିକ୍ ଆର୍ ପ୍ରାକୃତିକ୍ ଚାଷ୍ ଉପ୍‌ରେ ଗୁଟେ ତାଲିମ୍ ଶିବିର୍ ଅନୁଷ୍ଠିତ୍ ହେଇଯାଇଛେ । ଶିବିରଥି କୃଷି ବିଜ୍ଞାନ୍ କେନ୍ଦ୍ରର୍ ମୁଖ୍ୟ ସଂଯୋଜକ ଯୋଗ୍ ଦେଇକରି ତାଲିମ ଦେଇଥିଲେ । କମ୍ ଖର୍ଚ୍ଚାଥି ଖାଦ୍ୟଶସ୍ୟ ଆଉ ପରିବାର୍ ଚାଷ୍ ବାବ୍‌ଦେ ଶିବିର୍‌ଥି ତାଲିମ୍ ଦିଆଯାଇଥିଲା ।

ତାଲ୍ ତେଲ୍ ସଚେତନତା       ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଧମା ବନାଂଚଲ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଠାନେ ଆଏଜ୍ ତାଲ୍ ତେଲ୍ ଅଭିଯାନ୍ ଉପ୍‌ରେ ଗୁଟେ ଦିନ୍‌କିଆ କର୍ମଶାଲା ହେଇଯାଇଛେ । କର୍ମଶାଲାଥି ୪୦ ଝନ୍ ଚାଷୀ ଉପସ୍ଥିତ୍ ଥିଲେ । ତାଲ୍ ତେଲ୍ ଅଭିଯାନ୍ ଜିଲ୍ଲା ଅଧିକାରୀ, ଡିଭିଜନ୍‌ର ଅଧିକାରୀ ମାନେ ଆଉ ଧମା ବନାଂଚଲ କାର୍ଯ୍ୟାଳୟର୍ କର୍ମଚାରୀମାନେ ଯୋଗ୍ ଦେଇକରି ଚାଷୀମାନ୍‌କୁ ଚାଷ୍ ଉପ୍‌ରେ ବୁଝେଇଥିଲେ ।

ପାଟିକା ସଚେତନତା କାର୍ଯ୍ୟକ୍ରମ୍          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ୍ ରମାଇ ହାଇସ୍କୁଲ୍ ଠାନେ ଉପଖଣ୍ଡସ୍ତରୀୟ ପାଚିକା ତାଲିମ୍ ଶିବିର୍ ମୁଲ୍ ହେଇଛେ । ୪ ଦିନ୍ ଧରିକରି ହେବାର୍କେ ଥିବା ଇ ଶିବିରଥି  ଛୁଆମାନ୍କର୍ ପୋଷକତତ୍ୱ, ସ୍ୱାସ୍ଥ୍ୟ, ପରିସ୍କାର୍ ପରିଛନ୍ନ ବାବ୍ଦେ ସୂଚ୍ନା ଦିଆଯାଉଛେ । ଇଥି ୪ ଶହ ପାଚିକା ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ପାଣିପାଗ       ଆର୍ଏନ୍ୟୁ/ସମ୍ବଲ୍ପୁର୍

ପଶ୍ଚିମାଝଡ଼ ପ୍ରଭାବ୍ଥି ଆଏବା କାଏଲ୍ଠାନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହାଲ୍କାନୁ ମଧ୍ୟମ୍ ଧରଣର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ପୂର୍ବାନୁମାନ୍ କରାଯାଇଛେ । ଇତାର୍ବଲେ ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବର୍ଗଡ୍, ନୂଆପଡ଼ା, କେନ୍ଦୁଝର୍, ମୟୁର୍ଭଞ୍ଜ୍ ଜିଲ୍ଲାର୍ କିଛିଟା ଜାଗା ନ ବର୍ଷା ହେଇପାରେ । ଖାସ୍କରି ପଶ୍ଚିମ ଆର୍ ଉତର୍ ଓଡ଼ିଶା ନ ବର୍ଷା ହେଇପାରେ । ସେଆଡ଼େ କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା ସହେତେ ଆଉ କେତେଟା ଜିଲ୍ଲା ନ ବହଲିଆ କୁହୁଡ଼ି ହେବା । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ଥି ସକ୍ରିୟ ଥିବା ଲଘୁଚାପ୍ ଦୁର୍ବଲ୍ ହେଇଥିବାର୍ନୁ

ପାଗେ ପରିବର୍ତନ୍ ଦେଖାଦେଇଛେ ବଲି  ପାଣିପାଗ୍ ବିଭାଗ୍ ସୂଚ୍ନା ଦେଇଛେ ।